

Food and Agriculture Organization of the United Nations | Ministry of Agriculture & Farmers' Welfare | Ministry of Environment, Forest and Climate Change | LiFE Lifestyle for Environment | Govt. Of Odisha | gef global environment facility INVESTING IN OUR PLANET

# ଗ୍ରୀନ୍-ଏଜି ପ୍ରକଳ୍ପ ଗ୍ରାମଗୁଡିକରେ ଅଣ-ନିର୍ଦ୍ଦିଷ୍ଟ ଦେଶୀ ଗାଈ ପ୍ରଜାତିର ଉନ୍ନତିକରଣ ଶିମିଳିପାଳ ଲ୍ୟାଣ୍ଡସ୍କେପ୍, ଓଡ଼ିଶା









ଗ୍ରୀନ୍-ଏଜି ପ୍ରକଳ୍ପ ସଂପ୍ରତି ଦେଶୀ ପ୍ରଜାତି ପ୍ରାଣୀ ସମ୍ପଦର ସଂରକ୍ଷଣ ତଥା ପରିବେଶର ସୁରକ୍ଷା କରିବା ସହିତ କୃଷି ଉତ୍ପାଦକତା ବୃଦ୍ଧି ମାଧ୍ୟମରେ କୃଷକମାନଙ୍କୁ ସଶକ୍ତିକରଣ କରେଇବା ଉପରେ ବିଶେଷ ଧ୍ୟାନ ଦେଇଥାଏ।

ଓଡ଼ିଶାରେ ଗ୍ରୀନ-ଏଜି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଗ୍ରାମଗୁଡିକରେ ବ୍ୟବସାୟିକ ଭିତ୍ତିରେ ଦୁଗ୍ଧଚାଷ ପ୍ରାୟତଃ ପରିଲକ୍ଷିତ ହୁଏନାହିଁ। ଅଧିକନ୍ତୁ ଏହି ଅଞ୍ଚଳରେ ଅଣ-ନିର୍ଦ୍ଦିଷ୍ଟ ପାରମ୍ପାରିକ ଦେଶୀ ଗାଈର ପ୍ରାଧାନ୍ୟ ଅଧିକ ଅଛି।

କୃଷକମାନେ ଅଧିକାଂଶ ସମୟରେ ସେମାନଙ୍କର ପ୍ରାଣୀପାଳନ ପାଇଁ ଖୋଲାରେ ଚରିବାକୁ ଯାଉଥିବା ପଶୁମାନଙ୍କ କ୍ଷେତ୍ରରେ ପାରମ୍ପରିକ ପ୍ରାକୃତିକ ପ୍ରଜନନ ପଦ୍ଧତି ଉପରେ ନିର୍ଭର କରିଥାନ୍ତି। ତେଣୁ ଏହି ଅଞ୍ଚଳରେ ପ୍ରାଣୀ ଚିକିତ୍ସା ଏବଂ ପ୍ରାଣୀ ସମ୍ପଦ ବିଭାଗର କୃତ୍ରିମ ଗର୍ଭଧାରଣ କାର୍ଯ୍ୟକ୍ରମ ବିଶେଷ ଭାବରେ ଆଦୃତ ହୋଇପାରିନାହିଁ। ତେବେ ପ୍ରାକୃତିକ ପ୍ରଜନନ ପ୍ରକ୍ରିୟାରେ ଦେଶୀ ଗାଈମାନେ ବୁଲା ଷଣ୍ଢମାନଙ୍କ ସଂସ୍ପର୍ଶରେ ଆସି ନିଜ ପ୍ରଜାତିର ବାଛୁରୀ ଜନ୍ମ ଦେଇଥାନ୍ତି। କୃଷକମାନେ ଏହା ହୃଦୟଙ୍ଗମ କରିବା ଉଚିତ୍ ଯେ ପ୍ରାକୃତିକ ପ୍ରଜନନର ଏହି ଅଭ୍ୟାସ ସମୟ କ୍ରମେ ନିମ୍ନମାନର ପଶୁସମ୍ପଦ ସୃଷ୍ଟି କରିବା ସହିତ ପଶୁପାଳନ ଭିତ୍ତିକ ଜୀବିକା ମାଧ୍ୟମରେ ସେମାନଙ୍କର ରୋଜଗାର ପରିସରକୁ ମଧ୍ୟ ସଂକୁଚିତ କରି ଦେଉଛି।

ଏହି ସମସ୍ୟାର ସମ୍ଭାବ୍ୟ ସମାଧାନ ନିମନ୍ତେ ଗ୍ରୀନ-ଏଜି ପ୍ରକଳ୍ପ ଗ୍ରାମ ଗୁଡିକରେ ଅଣଚିହ୍ନିତ/ନିର୍ଦ୍ଦିଷ୍ଟ ଦେଶୀ ଗାଈଙ୍କ ପ୍ରଜନନରେ ଉନ୍ନତି ନିମନ୍ତେ ପ୍ରସ୍ତାବ ରହିଅଛି, ଯାହା କି ଗାଈଗୋରୁ ମାନଙ୍କର କୃତ୍ରିମ ଗର୍ଭଧାରଣକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ନୀତି ମଧ୍ୟରେ ରହିଅଛି। ଏହି ପ୍ରକ୍ରିୟାରେ ଓଡ଼ିଶା ସରକାରଙ୍କ କୃତ୍ରିମ ଗର୍ଭଧାରଣ କାର୍ଯ୍ୟକ୍ରମ ସହ ସମନ୍ୱୟ ରକ୍ଷା କରି ଉଚ୍ଚମାନର ଦେଶୀ ଷଣ୍ଢର (ଯେପରିକି ହରିଆନା, ଗିର୍ ଏବଂ ରେଡ୍‌ସିନ୍ଧି) ଶୁକ୍ରାଣୁ ବ୍ୟବହାର କରି ଦେଶୀ ଗାଈମାନଙ୍କୁ କୃତିମ ଗର୍ଭଧାରଣ କରାଯାଇପାରିବ। ଅଣ-ନିର୍ଦ୍ଦିଷ୍ଟ ଦେଶୀ ଗାଈମାନେ ଉନ୍ନତ ପ୍ରଜାତିର ଦେଶୀ ବାଛୁରୀ ଜନ୍ମ ଦେବେ ଏବଂ ସେମାନଙ୍କୁ ଗ୍ରୀନ୍-ଏଜି ପ୍ରକଳ୍ପ ଦ୍ୱାରା ପ୍ରାଣୀପାଳନ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଯୋଜନା ଅନୁଯାୟୀ ଉତ୍ତମ ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ପରିଚାଳନା ଯୋଗାଇଦେବା ଦ୍ୱାରା ସେମାନଙ୍କ ମା'ଙ୍କ ତୁଳନାରେ ଅଧିକ ଦୁଗ୍ଧ ଉତ୍ପାଦନ ହେବ। ଏହା ଗୋପାଳକ ପରିବାରମାନଙ୍କ ନିମନ୍ତେ ଉତ୍ତମ ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ସହାୟକ ହେବା ସହିତ ଦୁଗ୍ଧ ଉତ୍ପାଦନ ମାଧ୍ୟମରେ କୃଷକମାନଙ୍କ ଜୀବିକା ଉନ୍ନତିରେ ସହାୟକ ହେବ।

## ଦେଶୀ ଗାଈର ମହତ୍ତ୍ୱ:

ଚିରନ୍ତନ କୃଷି କ୍ଷେତ୍ରରେ ଦେଶୀ ଗାଈମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶୀ ଗାଈମାନେ ସ୍ଥାନୀୟ ପରିବେଶ ସହିତ ଭଲ ଭାବରେ ଖାପ ଖୁଆଇ ଚଳିବା ସହିତ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥାଏ ଏବଂ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଖାଦ୍ୟ ଦ୍ୱାରା ପ୍ରତିପୋଷଣ ହୋଇ ପାରିଥାନ୍ତି। ଏହାବ୍ୟତୀତ ଦେଶୀ ଗାଈର କ୍ଷୀର ଅତ୍ୟନ୍ତ ପୁଷ୍ଟିକର ଏବଂ ଦେଶୀ ଗାଈର ଗୋବରରୁ ପ୍ରସ୍ତୁତି ଖତ ଜୈବିକ ଚାଷ ନିମନ୍ତେ ଅତ୍ୟନ୍ତ ଉପାଦେୟ, ଅତଏବ ଏହା ଗ୍ରାମୀଣ ଜୀବିକା ନିର୍ବାହରେ ସହାୟକ ମଧ୍ୟ ହୋଇଥାଏ।

## ପ୍ରସ୍ତାବିତ ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟ :

- **ପ୍ରଜାତି ଚୟନ:** ସ୍ଥାନୀୟ ପରିସ୍ଥିତି ଆଧାରରେ ଆବଶ୍ୟକୀୟ ଗୁଣବତ୍ତା ଏବଂ ଉପଯୁକ୍ତତା ଆଧାରରେ ଅଳ୍ପ ବୟସ୍କ ସୁସ୍ଥ ଉନ୍ନତ ଦେଶୀ ଗାଈ ପ୍ରଜାତି ଚିହ୍ନଟ କରିବା।
- **କୃତ୍ରିମ ପ୍ରଜନନ:** ପ୍ରଜାତିର ଉତ୍ପାଦନରେ ଉନ୍ନତି ଆଣିବା ପାଇଁ କୃତ୍ରିମ ପ୍ରଜନନ ମାଧ୍ୟମରେ ଉଚ୍ଚ ଆନୁବଂଶିକ ଗୁଣଯୁକ୍ତ ପ୍ରଜାତି ପ୍ରଚଳନ କରାଇବା। ଗୋପାଳକମାନେ ଏହି ସମୟ ମଧ୍ୟରେ ଗାଈ ଉପରେ ଭଲ ଭାବରେ ନଜର ରଖିବା ଆବଶ୍ୟକ, ଯେଉଁଥିରେ ଗାଈର ଚୟନ ପର୍ଯ୍ୟାୟ ଠାରୁ ଆରମ୍ଭ କରି, ପରୀକ୍ଷଣ ଏବଂ ଗର୍ଭଧାରଣ ନିମନ୍ତେ ଗାଈର ଗରମ ହେବା (ଗର୍ଭଧାରଣ ନିମନ୍ତେ ଗାଈର ଶରୀରରେ ସଠିକ ତାପମାତ୍ରା ସୃଷ୍ଟି ହେବା) ପ୍ରକ୍ରିୟା ଅନ୍ତର୍ଭୁକ୍ତ।

**ଆବଶ୍ୟକୀୟ ଗୁଣ-ବାଛୁରି/ଗାଈଗୋରୁ ମାନଙ୍କର ନିମ୍ନଲିଖିତ ଗୁଣ ରହିବା ଆବଶ୍ୟକ :**

୧. ଗାଈର ଚିର/ପହ୍ନା ଗୁଡ଼ିକ ମଧ୍ୟମ ଲମ୍ୱ ଏବଂ ଲମ୍ୱ ଭାବରେ ଥିବ

୨. ଶାନ୍ତ / ସ୍ୱଭାବ ଓ ସକ୍ରିୟ ଆଚରଣ ଥିବ

୩. ଗର୍ଭଧାରଣ ଜନିତ ସମସ୍ୟା ନଥିବ

୪. ସ୍ୱାଭାବିକ ଶାରୀରିକ ଗଠନ ଥିବ, ଶାରୀରିକ ଗଠନ ଅନୁଯାୟୀ ଅଙ୍ଗଗୁଡିକ ଆକାର ସ୍ୱାଭାବିକ ଥିବ ଏବଂ ଚଳପ୍ରଚଳ ଜନିତ କୌଣସି ସମସ୍ୟା ନଥିବ



- **ପ୍ରଶିକ୍ଷଣ ଏବଂ ସଚେତନତା:** କୃଷକମାନଙ୍କୁ ଗୋପ୍ରଜାତିର ଉନ୍ନତି କରଣ ଏବଂ ଉପକାର ବିଷୟରେ ଶିକ୍ଷା ଦେବା ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବା। ଉନ୍ନତ ପ୍ରଜାତିର ଦେଶୀ ବାଛୁରୀମାନଙ୍କର ଉପାଦେୟତା ଜୀବିକାର୍ଜନ ସହ ଏହାର ପ୍ରାସଙ୍ଗିକତା ବିଷୟରେ ଗୋପାଳକମାନଙ୍କୁ ଭଲଭାବରେ ସଚେତନ କରାଇବା।
- **ସ୍ୱାସ୍ଥ୍ୟସେବା:** ଗାଈମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ସେବା ନିମନ୍ତେ ସଂପୂର୍ଣ୍ଣ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପ୍ରଚଳନ କରାଇବା।
- **ରେକର୍ଡ ରଖିବା:** ଗୋପ୍ରଜନନ, ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ପରିଚାଳନା ତଥା ଏହାର ପ୍ରଭାବ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ରଖିବା। ଏହି କାର୍ଯ୍ୟକ୍ରମ ପରିସରଭୁକ୍ତ ସମସ୍ତ ପ୍ରାଣୀଙ୍କୁ ଏକ ପଶୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବ।

## ଗାଈ ଗରମ ହେବା ସମୟର ବିଭିନ୍ନ ଲକ୍ଷଣ :

ଗୋରକ୍ଷକ ଗାଈର ଗରମ ସମୟରେ ବିଭିନ୍ନ ଲକ୍ଷଣ ବିଷୟରେ ଜାଣିବା ଉଚିତ୍ । ସାଧାରଣତଃ ଗାଈଗୁଡ଼ିକ ୧୮-୨୧ ଦିନ ମଧ୍ୟରେ ଗର୍ଭଧାରଣ ନିମନ୍ତେ ଗରମ / ସଠିକ୍ ଶରୀର ତାପମାତ୍ରାକୁ ଆସିଥାନ୍ତି।

**ଗରମ ସମୟରେ ବିଭିନ୍ନ ଲକ୍ଷଣଗୁଡିକ ଯଥା:**

- ଜୋରରେ ହମ୍ବା ରଡି କରିବା।
- ବାରମ୍ବାର ପରିସ୍ରା କରିବା।
- ଦୁଧିଆଳୀ ଗାଈର କ୍ଷୀର ଉତ୍ପାଦନର ମାତ୍ରା ହଠାତ୍ କମିଯିବା।
- ଗାଈଟି ଅନ୍ୟ ଗାଈ ଉପରେ ଚଢ଼ିବାକୁ ଚେଷ୍ଟା କରିବା।
- ମଧ୍ୟମ ଗରମ ସମୟରେ ସ୍ୱଚ୍ଛସ୍ରାବ ନିଷ୍କାସନ ହେବା ସହିତ ଗାଈର ପ୍ରସବଦ୍ୱାରରେ ଯଥେଷ୍ଟ ଫୁଲା ଦେଖାଦେବା, ଯାହା କୃତ୍ରିମ ପ୍ରଜନନ ପାଇଁ ସର୍ବୋତ୍ତମ ସମୟ ଅଟେ (ଗରମ ହେବାର ୧୨ ରୁ ୧୫ ଘଣ୍ଟା ମଧ୍ୟରେ)।

ପଶୁ ଚିକିତ୍ସକଙ୍କ ଦ୍ୱାରା ଗର୍ଭଧାରଣ / ଗରମ ହେବା ପ୍ରକ୍ରିୟା ଅବଧି ଶେଷ ନହେବା ପର୍ଯ୍ୟନ୍ତ ଗୋପାଳକମାନେ ଗାଈକୁ ବାହାରକୁ ଚରିବାକୁ ନ ଛାଡିବା ଉଚିତ୍।

## କୃଷକ ଏବଂ ପରିବେଶ ନିମନ୍ତେ ଉପାଦେୟତା:

- **ଆୟ ବୃଦ୍ଧି:-** ଉନ୍ନତ ଗୋ ଉତ୍ପାଦନ ଫଳରେ ଅଧିକ ଦୁଗ୍ଧ ଉତ୍ପାଦନ ହୋଇଥାଏ, ଯାହା କୃଷକଙ୍କର ଆୟବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିଥାଏ।
- **ସୁସ୍ଥାୟୀ/ଚିରନ୍ତନ ଚାଷ:-** ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରୋତ୍ସାହିତ ଗୋପାଳନ ଏବଂ ଉପଯୁକ୍ତ ପରିଚାଳନାଗତ ବୈଷୟୀକ ଜ୍ଞାନକୌଶଳ ଦ୍ୱାରା ଗୋବରକୁ ଜୈବିକ ଖତ ଭାବରେ ବ୍ୟବହାର କରାଯାଇପାରିବ ଏବଂ ଗୋପ୍ରଜାତିର ଉନ୍ନତି ଫଳରେ ବଳଦ ଦ୍ୱାରା ଜମି ଚାଷ କରିବାକୁ ଆଗ୍ରହୀ ହେବେ।
- **ଜୈବିକ ଖତ:-** ବାହାରେ ବୁଲି ଚରିବା ପ୍ରକ୍ରିୟା କମିବା ଫଳରେ ଗୋବର ସହଜରେ ସଂଗ୍ରହ କରାଯାଇ ଉନ୍ନତ ମାନର ଜୈବିକଖତ ପ୍ରସ୍ତୁତ କରାଯାଇ ରାସାୟନିକ ସାର ଉପରେ ନିର୍ଭରଶୀଳତାକୁ ହ୍ରାସ କରିବାରେ ସାହାଯ୍ୟ କରିବ।
- **ଜଙ୍ଗଲ ପୁନଃରୁଥାନରେ ସାକରାତ୍ମକ ପ୍ରଭାବ:-** ଏହି ଅଭୟାରଣ୍ୟ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ। ଖୋଲାରେ ମୁକ୍ତଭାବେ ଚରୁଥିବା ପଶୁମାନେ କେବଳ ଜଙ୍ଗଲରେ ଥିବା ନୂତନ ଗଛକୁ ଖାଆନ୍ତି ନାହିଁ ବରଂ ପାଦରେ ଦଳିବା ଯୋଗୁଁ ନୂତନ ଭାବରେ ବଢୁଥିବା ଗଛର ମଧ୍ୟ ଅନେକ କ୍ଷତି କରିଥାନ୍ତି। ତେଣୁ ଜଙ୍ଗଲରେ ପଶୁମାନଙ୍କର ଖୋଲାରେ ଚରିବା ମାତ୍ରା କମ୍ ହେଲେ ଜଙ୍ଗଲ ପରିବେଶ ଉପରେ ଉତ୍ତମ ପ୍ରଭାବ ପକାଇବ, ଯାହାଫଳରେ ଜଙ୍ଗଲରୁ ପରିବେଶ ସନ୍କ୍ରାନ୍ତୀୟ ଉତ୍ତମ ସେବା ଅଧିକ ମାତ୍ରାରେ ମିଳିପାରିବ।
- **ଅନୁକୂଳତା :-** ଦେଶୀ ଗାଈମାନେ ସ୍ଥାନୀୟ ପରିବେଶ ପରିସ୍ଥିତି ସହିତ ଭଲଭାବରେ ଖାପ ଖୁଆଇ ପାରନ୍ତି, ଯାହା ସେମାନଙ୍କୁ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ସହନଶୀଳ କରିଥାଏ।
- **ସଂସ୍କୃତିର ସଂରକ୍ଷଣ :-** ଉନ୍ନତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହିତ ଗ୍ରାମବାସୀମାନେ ଦୁଗ୍ଧ ଏବଂ ଦୁଗ୍ଧ ଜାତ ଦ୍ରବ୍ୟକୁ ନେଇ ସେମାନଙ୍କର ପାରମ୍ପରିକ ଖାଦ୍ୟ ଶୃଙ୍ଖଳାକୁ ପୁନଃର୍ଜୀବିତ ରଖିବାରେ ସମର୍ଥ ହେବେ।

## କାର୍ଯ୍ୟକ୍ରମ କାର୍ଯ୍ୟକାରି କରିବା ପାଇଁ ଯୋଜନା :

ଦେଶୀଗାଈ ଥିବା ୩୦ ଗୋଟି ଗ୍ରାମରେ ପ୍ରାଥମିକ ଭାବରେ ଏହି ଦେଶୀ ଗାଈ ପ୍ରଜାତିର ଉନ୍ନତିକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରସ୍ତାବ ରଖାଯାଇଅଛି। ପ୍ରତ୍ୟେକ ଗ୍ରାମରେ ୩୦ଟି ଦେଶୀ ଗାଈଙ୍କୁ ଚୟନ କରି କୃତ୍ରିମ ଗରମ ନିୟନ୍ତ୍ରଣ ମାଧ୍ୟମରେ ପ୍ରଜନନକ୍ଷମ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ଗାଈମାନଙ୍କୁ କୃତ୍ରିମ ଉପାୟରେ ଗର୍ଭଧାରଣ କରିବା ପାଇଁ ତିନୋଟି ପର୍ଯ୍ୟାୟରେ ପରୀକ୍ଷଣ କରାଯିବ ଏବଂ ଶେଷରେ ଗର୍ଭଧାରଣ କରାଯିବ, ଯାହାଫଳରେ କୃତ୍ରିମ ପ୍ରଜନନ ପ୍ରକ୍ରିୟା ମାଧ୍ୟମରେ ଉନ୍ନତମାନର ଶୁକ୍ରାଣୁ ବ୍ୟବହାର କରି ୯୦୦ ଦେଶୀ ଗାଈ କୃତ୍ରିମ ପ୍ରଜନନ କରାଯାଇପାରିବ।

## ଉପସଂହାର :

ସ୍ୱଦେଶୀ ଗୋପ୍ରଜାତିର ଉନ୍ନତି ପାଇଁ ଗ୍ରୀନ-ଏଜି ପ୍ରକଳ୍ପର ଏହି କାର୍ଯ୍ୟକ୍ରମ ଏକ ମୂଳଦୁଆ, ଯାହା କୃଷକମାନଙ୍କ ନିମନ୍ତେ ଅଧିକ ପ୍ରାଣୀସମ୍ପଦ ଭିତ୍ତିକ ଜୀବିକା ସୁଯୋଗ ସୃଷ୍ଟିରେ ସହାୟକ ହେବ। ଏହା ଚିରପୋଷ୍ୟମାନ କୃଷି ଓ ପରିବେଶ ସଂରକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସହାୟକ ହେବ ଏବଂ ଓଡ଼ିଶାର ଏହି ପ୍ରକଳ୍ପ କ୍ଷେତ୍ରରେ ଥିବା ଗ୍ରାମଗୁଡିକର ବିକାଶରେ ମଧ୍ୟ ସହାୟକ ହେବ।

**"ଆସନ୍ତୁ ସମସ୍ତେ ମିଶି ଏକ ସବୁଜ ଓ ସମୃଦ୍ଧ ଭବିଷ୍ୟତ ପାଇଁ ଆମ ଦେଶୀ ଗାଈ ପ୍ରଜାତିର ସମୃଦ୍ଧି ଓ ସୁରକ୍ଷା କରିବା।"**

**ସୂଚନା ନିମନ୍ତେ:** ଏସ୍.ପି.ଏମ୍.ୟୁ/ଜି.ଏଲ.ଆଇ.ୟୁ, ଗ୍ରୀନ୍-ଏଜି ପ୍ରକଳ୍ପ, ଶିମିଳିପାଳ ଲ୍ୟାଣ୍ଡସ୍କେପ୍, ଓଡ଼ିଶା
ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର
ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ